# ତିଳକ ଧାରଣର ଫଳ ଓ ବିଧି

*ମତ୍‌ପ୍ରିୟାର୍ଥଂ ଶୁଭାର୍ଥଂ ବା ରକ୍ଷାର୍ଥେ ଚତୁରାନନ ।*
*ମତ୍ ପୂଜା ହୋମକାଳେ ଚ ସାୟଂ ପ୍ରାତଃ ସମାହିତଃ ॥*
*ମଦ୍‌ଭକ୍ତୋ ଧାରୟେନ୍ନିତ୍ୟମୂର୍ଦ୍ଧ୍ୱପୁଣ୍ଡ୍ରଂ ଭୟାପହଂ ॥* (୪।୧୭୭, ହ.ଭ.ବି)

**ପଦ୍ମପୁରାଣରେ ଭଗବାନ କହିଛନ୍ତି:** ହେ ବ୍ରାହ୍ମଣ ! ଭକ୍ତଗଣ ସ୍ଥିର ଚିତ୍ତରେ ସକାଳେ ଓ ସନ୍ଧ୍ୟାରେ ପୂଜା ଓ ହୋମ ସମୟରେ ମୋର ପ୍ରୀତି ସାଧନ ଅଥବା ସ୍ୱୀୟ କଲ୍ୟାଣ ନିମିତ୍ତ ଭୟ ନାଶକ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରିବେ ।

**ପଦ୍ମପୁରାଣରେ ଶିବ-ଉମା ସମ୍ବାଦରେ-** ଉର୍ଦ୍ଧ୍ୱପୁଣ୍ଡ୍ରର ମଧ ଦେଶରେ ନାରାୟଣ କମଳାଙ୍କ ସହ ସମାସୀନ ଥାଆନ୍ତି, ସୁତରାଂ ଯାହାର ଦେହରେ ଉର୍ଦ୍ଧ୍ୱପୁଣ୍ଡ୍ର ବିଦ୍ୟମାନ ସେ କେବଳ ନାରାୟଣଙ୍କ ମନ୍ଦିର ସ୍ୱରୂପ, ଏହା ପ୍ରସିଦ୍ଧ ରହିଛି । ଯେ ଦ୍ୱିଜ ଉର୍ଦ୍ଧ୍ୱପୁଣ୍ଡ ଧାରଣ କରନ୍ତି, ସେ ଆଦିତ୍ୟ ଧାମରେ ଅର୍ଚ୍ଚିତ ହୁଅନ୍ତି ଏବଂ ବିମାନରୁଢ଼ା ହୋଇ ବିଷ୍ଣୁଙ୍କ ଦିବ୍ୟଧାମକୁ ଗମନ କରନ୍ତି । ଯେଉଁ ବ୍ରାହ୍ମଣ ଉର୍ଦ୍ଧ୍ୱପୁଣ୍ଡ୍ର ଧାରଣ କରନ୍ତି, ତାହାଙ୍କୁ ଦର୍ଶନ କଲେ ନିଖିଳ ପାତକରୁ ମୁକ୍ତି ମିଳେ ଏବଂ ଭକ୍ତି ସହିତ ତାଙ୍କର ନାମ ଉଚ୍ଚାରଣ ଓ ସ୍ମରଣ କଲେ ଯାବତୀୟ ଦାନର ଫଳ ଲାଭ ହୋଇଥାଏ । ଶ୍ରାଦ୍ଧାନୁଷ୍ଠାନରେ ଯେ ଉର୍ଦ୍ଧ୍ୱପୁଣ୍ଡ୍ରଧାରୀ ବ୍ରାହ୍ମଣଙ୍କୁ ଭୋଜନ କରାନ୍ତି, ତାଙ୍କର ପିତୃଗଣ କୋଟିକଳ୍ପ ପର୍ଯ୍ୟନ୍ତ ପରିତୃପ୍ତ ହୁଅନ୍ତି ଏଥିରେ ସନ୍ଦେହ ନାହିଁ । (ହ.ଭ.ବି. ଶ୍ଳୋକ-୧୯୪-୧୯୮)

ଉର୍ଦ୍ଧ୍ୱପୁଣ୍ଡ୍ରଧରୋ ଯସ୍ତୁ କୁର୍ଯ୍ୟାତ୍ ଶ୍ରାର୍ଦ୍ଧଂ ଶୁଭାନନେ ।
କଳ୍ପକୋଟି ସହସ୍ରାଣି ବୈକୁଣ୍ଠେ ବାସମାପ୍ନୁୟାତ୍ ॥ ୪।୧୯୯)
ଯଜ୍ଞ-ଦାନ-ତପଶ୍ଚର୍ଯ୍ୟା-ଜପ ହୋମାଦିକଞ୍ଚ ଯତ୍ ।
ଉର୍ଦ୍ଧ୍ୱପୁଣ୍ଡ୍ରଧରଃ କୁର୍ଯ୍ୟାତ୍ ତସ୍ୟ ପୁଣ୍ୟମନନ୍ତକମ୍ ॥ ୪।୨୦୦)

**ପଦ୍ମପୁରାଣରେ ଶିବ-ଉମାଙ୍କୁ କହୁଛନ୍ତି:-** ହେ ବରାନନେ । ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରି ଶ୍ରାଦ୍ଧ କଲେ ସେହି ବ୍ୟକ୍ତି ସହସ୍ରକୋଟି କଳ୍ପକାଳ ବୈକୁଣ୍ଠରେ ବାସ କରେ । ତିଳକ ଧାରଣ କରି ଯଜ୍ଞ, ଦାନ, ତପସ୍ୟା, ଜପ ଓ ହୋମ ପ୍ରଭୃତି ଯେ କୌଣସି ଶୁଭକାର୍ଯ୍ୟ କରାହୁଏ, ସେହି ସମସ୍ତ କାର୍ଯ୍ୟର ପୁଣ୍ୟଫଳ ଅନନ୍ତ ଅର୍ଥାତ୍ ତାହାର ସଂଖ୍ୟା କଳନା କରି ହୁଏନାହିଁ ।

***ଦୂତାଃ ଶୃଣୁତ ଯଦ୍‌ଭାଲଂ ଗୋପୀ ଚନ୍ଦନ ଲାଞ୍ଛିତଂ ।***
***ଜ୍ୱଳଦିନ୍ଧନବତ୍ ସୋଽପି ତ୍ୟାଜ୍ୟୋ ଦୂରେ ପ୍ରଯତ୍ନତଃ ॥***(*୪।୨୪୦ ହ.ଭ.ବି*)

**କାଶୀଖଣ୍ଡରେ ଯମଙ୍କ ବାକ୍ୟ:-** ଯମରାଜ କହିଲେ, ହେ ଦୂତଗଣ ! ଶ୍ରବଣ କର, ଯାହାର ଲଲାଟେ ଗୋପୀ ଚନ୍ଦନରେ ଅଙ୍କିତ ତିଳକ ବିଦ୍ୟମାନ ତାହାଙ୍କୁ ଦର୍ଶନ ମାତ୍ରେ ଜ୍ୱଳନ୍ତ କାଷ୍ଠର ନ୍ୟାୟ ଅତିଶୟ ଯତ୍ନ ସହକାରେ, ସେ ସ୍ଥାନ ପରିତ୍ୟାଗ କରିବ ।

**ତିଳକ ଧାରଣର ନକରିବାର ଫଳ:-**

*ଯଜ୍ଞୋ ଦାନଂ ତପୋ ହୋମଃ ସ୍ୱାଧ୍ୟାୟଃ ପିତୃତର୍ପଣମ୍ ।*
*ବ୍ୟର୍ଥଂ ଭବତି ତତ୍‌ସର୍ବମୂର୍ଦ୍ଧପୁଣ୍ଡ୍ରଂ ବିନାକୃତମ୍ ॥* *(୪/୧୭୮, ହ.ଭ.ବି)*

**ପଦ୍ମପୁରାଣରେ ନାରଦ ଉବାଚ:-** ତିଳକ ବ୍ୟତୀତ ଯଜ୍ଞ, ଦାନ, ତପସ୍ୟା, ହୋମ, ବେଦପାଠ, ବା ପିତୃଲୋକର ତର୍ପଣାଦି ଯାହା କିଛି କରାଯାଏ ସେ ସମସ୍ତ ବୃଥା ହୋଇଥାଏ । ୧୭୮ ॥ ଯେଉଁ ବ୍ୟକ୍ତି ଉର୍ଦ୍ଧ୍ୱପୁଣ୍ଡ୍ର ତ୍ୟାଗ କରି ଇଷ୍ଟପୂଜାଦି କର୍ମର ଅନୁଷ୍ଠାନ କରେ ତାହାର ସମସ୍ତ କର୍ମ ନିଷ୍ଫଳ ହୋଇଥାଏ । ଉର୍ଦ୍ଧ୍ୱପୁଣ୍ଡ୍ର ବିହୀନ ସନ୍ଧ୍ୟା ବନ୍ଦନାଦି ରାକ୍ଷସମାନଙ୍କ ନିମିତ୍ତ, ପୁଣି ସେହି ବ୍ୟକ୍ତି ନରକଗାମୀ ହୋଇଥାଏ । ୭୨॥ ଉର୍ଦ୍ଧ୍ୱପୁଣ୍ଡ୍ର ବିହୀନ ମନୁଷ୍ୟକୁ ଦେଖିବା ଉଚିତ ନୁହେଁ, ସେ ଶ୍ମଶାନ ସଦୃଶ । ୭୩॥ **ସ୍କନ୍ଦପୁରାଣର କାର୍ତ୍ତିକ ପ୍ରସଙ୍ଗରେ:-** ଯାହାର ଲଲାଟରେ ଉର୍ଦ୍ଧ୍ୱପୁଣ୍ଡ୍ର ଦେଖାଯାଏ ନାହିଁ ତାହାକୁ ଦର୍ଶନ କରିବା ଅନୁଚିତ । ଯଦି ଦର୍ଶନ କରନ୍ତି ସୂର୍ଯ୍ୟଙ୍କୁ ଦର୍ଶନ କରି ଶୁଦ୍ଧ ହେବ ।।୭୫॥

**ଚୈତନ୍ୟ ମହାପ୍ରଭୁଙ୍କର ତିରସ୍କାର ଉକ୍ତି :-**

*ତିଳକ ନା ଥାକେ ଯଦି ବିପ୍ରେର କପାଳେ ।*
*ସେ କପାଲ ଶ୍ମଶାନ ସଦୃଶ ବେଦେ ବଲେ ॥*
*ପ୍ରଭୁ ବଲେ, କେନେ ଭାଇ, କପାଳେ ତୋମାର ।*
*ତିଳକ ନା ଦେଖି କେନେ, କି ଯୁକ୍ତି ଇହାର ? ॥*
*ବୁଝିଲାମ - ଆଜି ତୁମି ନାହି କର ସନ୍ଧ୍ୟା ।*
*ଆଜି, ଭାଇ, ତୋମାର ହଇଲ ସନ୍ଧ୍ୟା ବନ୍ଧ୍ୟା ॥*

ତିଳକହୀନ ଲଲାଟରେ ବ୍ରାହ୍ମଣର ନିତ୍ୟ ତ୍ରିସନ୍ଧ୍ୟା ବନ୍ଦନା କରିବା ବ୍ୟର୍ଥ:-

*ଗୃହେ ତ୍ୱେକଗୁଣା ସନ୍ଧ୍ୟା ଗୋଷ୍ଠେ ଦଶଗୁଣା ସ୍ମୃତା ।*
*ଶତ ସାହସ୍ରିକା ନଦ୍ୟାମନନ୍ତା ବିଷ୍ଣୁ ସନ୍ନିଧୌ ॥ ୪/୨୨୧ ହ.ଭ.ବି ।*

**ସନ୍ଧ୍ୟୋପାସନା ବିଷୟରେ ବଶିଷ୍ଠଙ୍କର ବଚନ:-**ତ୍ରିସନ୍ଧ୍ୟା ଉପାସନା ଗୃହରେ କରିଲେ ଏକ ଗୁଣ, ଗୋଷ୍ଠରେ ଦଶଗୁଣ, ନଦୀରେ ଶତ ସହସ୍ରଗୁଣ ଏବଂ ବିଷ୍ଣୁଙ୍କ ସାନ୍ନିଧ୍ୟେ କଲେ ଅସଂଖ୍ୟ ଗୁଣ ଫଳ ଲାଭ ହୋଇଥାଏ ।

*ଶ୍ୟାମଂ ଶାନ୍ତିକରଂ ପ୍ରୋକ୍ତଂ ରକ୍ତଂ ବଶ୍ୟକରଂ ତଥା ।*
*ଶ୍ରୀକରଂ ପ୍ରୀତିମିତ୍ୟାହୁଃ ଶ୍ୱେତଂ ମୋକ୍ଷ ପ୍ରଦଂ ଶୁଭଂ ॥ (୪/୨୦୮ ହ.ଭ.ବି)*

**ପଦ୍ମପୁରାଣରେ ଶିବ-ଉମା ସମ୍ବାଦରେ** ପଣ୍ଡିତଗଣ ଶ୍ୟାମବର୍ଣ୍ଣ ପୁଣ୍ଡ୍ରକୁ ଶାନ୍ତିପ୍ରଦ, ରକ୍ତବର୍ଣ୍ଣ ପୁଣ୍ଡ୍ରକୁ ବଶ୍ୟ କାରକ, ପୀତବର୍ଣ୍ଣ ପୁଣ୍ଡ୍ରକୁ ସମ୍ପତ୍ତି ଦାୟକ ଓ ଶ୍ୱେତବର୍ଣ୍ଣ ପୁଣ୍ଡ୍ରକୁ ମଙ୍ଗଳ ଜନକ ମୋକ୍ଷପ୍ରଦ ବୋଲି ଉଲ୍ଲେଖ କରନ୍ତି ।

*ଦଶାଙ୍ଗୁଳଂ ପ୍ରମାଣନ୍ତୁ ଉତ୍ତମୋତ୍ତମମୁଚ୍ୟତେ*
*ନବାଙ୍ଗୁଳଂ ମଧ୍ୟମଂ ସ୍ୟାତ ଅଷ୍ଟାଙ୍ଗୁଳମତଃ ପରଂ ॥ (୪/୨୦୫,ହ.ଭ.ବି)*
*ଏତୈରଙ୍ଗୁଳିଭେଦୈସ୍ତୁ କାରୟେନ୍ନ ନଖୈଃ ସ୍ପୃଶେତ୍ ॥ (୪/୨୦୬,ହ.ଭ.ବି)*

**ବ୍ରହ୍ମାଣ୍ଡ ପୁରାଣରେ:-**ଯେ ତିଳକର ପରିମାଣ ଦଶ ଆଙ୍ଗୁଳି, ତାହାଙ୍କୁ ଅତ୍ୟୁତ୍ତମ କୁହାଯାଏ, ନଅ ଆଙ୍ଗୁଳି ମଧ୍ୟମ ଏବଂ ଅଷ୍ଟ ଆଙ୍ଗୁଳି ପରିମାଣ କନିଷ୍ଠ ବୋଲି କଥିତ ଅଛି । ନଖ ଦ୍ୱାରା ତାହା ସ୍ପର୍ଶ କରିବେ ନାହିଁ ।

## ତିଳକ ବା ହରିମନ୍ଦିର ଅଙ୍କନ କରିବାର ବିଧି

**ଚନ୍ଦନ ଓ ଭସ୍ମ ଦ୍ୱାରା ତିଳକ ନିଷେଧ:-** ଚନ୍ଦନ-ରାଜସିକ ଓ ଭସ୍ମ-ତାମସିକ, ମୃତ୍ତିକା-ସାତ୍ତ୍ୱିକ । ତୁଳସୀ ମୂଳର ମୃତ୍ତିକା ବା ଗୋପୀଚନ୍ଦନ ଦ୍ୱାରା ତିଳକ କରିବା ହେଉଛି ବିଧି ।

*ବୈଷ୍ଣବାନାଂ ବ୍ରାହ୍ମଣାନାଂ ଉର୍ଦ୍ଧ୍ୱପୁଣ୍ଡ୍ରଂ ବିଧୀୟତେ ।*
*ଅନ୍ୟେଷାନ୍ତୁ ତ୍ରିପୁଣ୍ଡ୍ରଂ ସ୍ୟାଦିତି ବ୍ରହ୍ମବିଦୋ ବିଦୁଃ ॥ (୪/୨୧୭,ହ.ଭ.ବି)*

ବୈଷ୍ଣବ ଓ ବ୍ରାହ୍ମଣ ମାନଙ୍କ ପକ୍ଷରେ ଉର୍ଦ୍ଧ୍ୱପୁଣ୍ଡ୍ର ଓ ଅନ୍ୟ ମାନଙ୍କର ଅର୍ଥାତ୍ ଅବୈଷ୍ଣବଙ୍କ ପକ୍ଷରେ ତ୍ରିପୁଣ୍ଡ୍ରର ବିଧାନ କରାଯାଇଅଛି ।

*ନାଶାଦିକେଶ-ପର୍ଯ୍ୟନ୍ତମୂର୍ଦ୍ଧ୍ୱପୁଣ୍ଡ୍ରଂ ସୁଶୋଭନଂ ।*
*ମଧ୍ୟେ ଛିଦ୍ର-ସମାଯୁକ୍ତଂ ତଦ୍ ବିଦ୍ୟାଦ୍ଧରିମନ୍ଦିରମ ॥ ୪/୨୧୬ ॥*
*ବାମପାର୍ଶ୍ୱେ ସ୍ଥିତୋ ବ୍ରହ୍ମା ଦକ୍ଷିଣେତୁ ସଦାଶିବଃ ।*
*ମଧ୍ୟେ ବିଷ୍ଣୁଂ ବିଜାନିୟାଦ୍ ତସ୍ମାନ୍ମଧ୍ୟଂ ନ ଲେପୟେତ୍ ॥ (୪/୨୧୭,ହ.ଭ.ବି)*

ପଦ୍ମପୁରାଣର ଉତ୍ତର ଖଣ୍ଡରେ ଶିବ-ଉମାଙ୍କୁ କହୁଛନ୍ତି:- ନାକରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ବିସ୍ତୃତ ଅତିଶୟ ମନୋହର ଏବଂ ମଧ୍ୟରେ ଛିଦ୍ରଯୁକ୍ତ ଯେ ତିଳକ ତାହାକୁ ହରିମନ୍ଦିର ବୋଲି ଜାଣିବେ । ତିଳକର ବାମପାର୍ଶ୍ୱରେ ବ୍ରହ୍ମା, ଦକ୍ଷିଣରେ ସଦାଶିବ ଏବଂ ମଧ୍ୟରେ ବିଷ୍ଣୁ ଅବସ୍ଥାନ କରନ୍ତି । ଅତଏବ ମଧ୍ୟଭାଗ ଲେପନ କରିବେ ନାହିଁ ଅର୍ଥାତ୍ ମଧ୍ୟଭାଗ ସବୁ ସମୟରେ ପରିଷ୍କାର ରଖିବା ଉଚିତ ।

**ତିଳକ  ବା ଗୋପୀ ଚନ୍ଦନ ଅଙ୍କନର ଶାସ୍ତ୍ରୋକ୍ତ ଆଙ୍ଗୁଳି ନିର୍ଣ୍ଣୟ:-**

*ଅନାମିକା କାମଦୋକ୍ତା ମଧ୍ୟମାୟୁଷ୍କରୀ ଭବେତ୍ ।*
*ଅଙ୍ଗୁଷ୍ଠଃ ପୁଷ୍ଟିଦଃ ପ୍ରୋକ୍ତସ୍ତର୍ଜ୍ଜନୀ ମୋକ୍ଷସାଧନୀ ॥ (୪/୨୨୧, ହ.ଭ.ବି)*

ଅନାମିକା ଅଭୀଷ୍ଟ ପ୍ରଦାୟିନୀ, ମଧ୍ୟମା ପରମାୟୁ ବୃଦ୍ଧି କରେ, କନିଷ୍ଠା ଅଙ୍ଗୁଷ୍ଠି ପୃଷ୍ଟିସାଧକ ଏବଂ ତର୍ଜ୍ଜନୀ ମୋକ୍ଷ ସାଧନୀ । ଅତଏବ ଅନାମିକା ଅଙ୍ଗୁଷ୍ଠିରେ ତିଳକ ରଚନା କରିବା ଉଚିତ୍ ।

### ତିଳକ ଧାରଣ ପ୍ରଣାଳୀ:

ସ୍ନାନ କରିବାପରେ ସ୍ୱଚ୍ଛ ବସ୍ତ୍ର ପିନ୍ଧି ଶୁଦ୍ଧ ଆସନରେ ବସି ଜଳପୂର୍ଣ୍ଣ ପଞ୍ଚପାତ୍ରରେ ପୁଷ୍ପ ଦେଇ ଗଙ୍ଗାଦି ତୀର୍ଥ ଜଳ ମିଶାଇବେ ନଚେତ୍  ଦକ୍ଷିଣ ହସ୍ତ ମଧ୍ୟମା ଆଙ୍ଗୁଳିର ଅଗ୍ରଭାଗ ଜଳରେ ସାମାନ୍ୟ ସ୍ପର୍ଶ କରି ରଖିବେ ଓ ସ୍ମରଣ କରି ତୀର୍ଥ ସମୂହକୁ ନିମ୍ନୋକ୍ତ ମନ୍ତ୍ରରେ ଆବାହନ କରିବେ ।

*"ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ ।*
*ନର୍ମ୍ମଦେ ସିନ୍ଧୋ କାବେରୀ ଜଲେଽସ୍ମିନ୍ ସନ୍ନିଧିଂକୁରୁ ॥ "*

**ମନ୍ତ୍ର ସ୍ନାନ:-**    **ଓଁ ଅପବିତ୍ରଃ ପବିତ୍ରୋବା ସର୍ବାବସ୍ଥାଂ ଗତୋଽପିବା ।**
**ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତର ଶୁଚିଃ ॥**

କିଛି ପାଣି ହାତରେ ନେଇ ଏହି ମନ୍ତ୍ର ଉଚ୍ଚାରଣ କରିସାରି ଓଁ ବିଷ୍ଣୁ ଓଁ ବିଷ୍ଣୁ ଓଁ ବିଷ୍ଣୁ ଉଚ୍ଚାରଣ କରି କିଛି ପାଣି ମୁଣ୍ଡରେ ଓ ମୁଖରେ ସିଞ୍ଚନ କରିବେ ।

ବାମ ହସ୍ତର ପାପୁଲିରେ ଏଇ ଜଳ କିଞ୍ଚିତ ନେଇ ଏଥିରେ ତିଳକ ବା ଗୋପୀଚନ୍ଦନ (ଅଭାବରେ ତୁଳସୀ ମୃତ୍ତିକା) ଦ୍ୱାରା ଘୋରି ଦ୍ୱାଦଶ ଅଙ୍ଗରେ 'ଊର୍ଦ୍ଧ୍ୱପୁଣ୍ଡ୍ର' ବା 'ହରିମନ୍ଦିର' ଅର୍ଥାତ୍ ତିଳକ ଅଙ୍କନ କରିବାକୁ ହେବ । ତିଳକର ମଧ୍ୟସ୍ଥଳ ଫାଙ୍କ ହେବ । ଏଇପରି ଅନ୍ତରାଳ (ଫାଙ୍କା) ଯୁକ୍ତ ତିଳକର ନାମ ହରିମନ୍ଦିର । ବିଶେଷତଃ ଲଲାଟରେ ଭ୍ରୂ-ମୂଳ ଠାରୁ ନିମ୍ନ ଆଡ଼କୁ ନାକର ତିନିଭାଗ ପର୍ଯ୍ୟନ୍ତ 'ନାସାମୂଳ' । ନାସାମୂଳ ଠାରୁ ଆରମ୍ଭ କରି ଲଲାଟର କେଶମୂଳ ପର୍ଯ୍ୟନ୍ତ ହରିମନ୍ଦିର ବା ଊର୍ଦ୍ଧ୍ୱପୁଣ୍ଡ୍ର ଅଙ୍କନ କରିବେ ଏବଂ ତାହା ମଧ୍ୟରେ ଭ୍ରୁ-ମୂଳ (ନାକଦଣ୍ଡି) ଠାରୁ କେଶମୂଳ ପର୍ଯ୍ୟନ୍ତ ଅନ୍ତରାଳ କରିବେ ଏବଂ ନିମ୍ନ ଭାଗରେ ତୁଳସୀ ପତ୍ର  ଅଙ୍କନ କରିବେ । ଅନାମିକା (ମୁଦ୍ରିକା ଆଙ୍ଗୁଳି) ମୁଖ୍ୟ । ବିଶେଷ ଅସୁବିଧା ଥିଲେ ତର୍ଜନୀ (ବିଷି ଆଙ୍ଗୁଳି)ରେ ତିଳକ ଧାରଣ କରିବେ । ତିଳକ ପ୍ରସ୍ତୁତ କରିବା ସମୟରେ ଯେପରି ତଳେ ପଡ଼ିବ ନାହିଁ । ପଡ଼ିଗଲେ ସଙ୍ଗେ ସଙ୍ଗେ ପରିଷ୍କାର କରିନେବେ ।

## ତିଳକ ପ୍ରସ୍ତୁତି ସମୟର ମନ୍ତ୍ର :-

***ଲଲାଟେ କେଶବଂ ଧ୍ୟାୟେନ୍ନାରାୟଣ ମଥୋଦରେ ।***
***ବକ୍ଷଃସ୍ଥଳେ ମାଧବଂ ତୁ ଗୋବିନ୍ଦଂ କଣ୍ଠକୂପକେ ।।***
***ବିଷ୍ଣୁଞ୍ଚ ଦକ୍ଷିଣେ କୁକ୍ଷୌ, ବାହୌ ଚ ମଧୁସୂଦନମ୍ ।***
***ତ୍ରିବିକ୍ରମଂ ସ୍କନ୍ଧରେ ତୁ, ବାମନଂ ବାମପାର୍ଶ୍ୱକେ ।।***
***ଶ୍ରୀଧରଂ ବାମ ବାହୌ ତୁ ହୃଷିକେଶଞ୍ଚ ସ୍କନ୍ଧରେ ।***
***ପୃଷ୍ଠେ ତୁ ପଦ୍ମନାଭଞ୍ଚ, କଟ୍ୟାଂ ଦାମୋଦରଂ ନ୍ୟସେତ୍ ।।***
***ତତ୍ ପ୍ରକ୍ଷାଳନ- ତୋୟନ୍ତୁ ବାସୁଦେବାୟ ମୂର୍ଦ୍ଧନି ।।***

### *ତିଳକ ଧାରଣ କରିବା ସମୟର ମନ୍ତ୍ର :-*

୧. ଲଲାଟେ - **ଓଁ କେଶବାୟ ନମଃ ।**
୨. ଉଦରେ - (ନାଭିଦେଶରେ) **ଓଁ ନାରାୟଣାୟ ନମଃ ।**
୩. ବକ୍ଷଃସ୍ଥଳେ - **ଓଁ ମାଧବାୟ ନମଃ ।**
୪. କଣ୍ଠେ - **ଓଁ ଗୋବିନ୍ଦାୟ ନମଃ ।**
୫. ଦକ୍ଷିଣ ପାର୍ଶ୍ୱେ - **ଓଁ ବିଷ୍ଣବେ ନମଃ ।**
୬. ଦକ୍ଷିଣ ବାହୁରେ - **ଓଁ ମଧୁସୂଦନାୟ ନମଃ ।**
୭. ଦକ୍ଷିଣ ସ୍କନ୍ଧରେ - **ଓଁ ତ୍ରିବିକ୍ରମାୟ ନମଃ ।**
୮. ବାମ ପାର୍ଶ୍ୱେ - **ଓଁ ବାମନାୟ ନମଃ ।**
୯. ବାମ ବାହୁରେ - **ଓଁ ଶ୍ରୀଧରାୟ ନମଃ ।**
୧୦. ବାମ ସ୍କନ୍ଧରେ - **ଓଁ ହୃଷିକେଶାୟ ନମଃ ।**
୧୧. ପୃଷ୍ଠେ- **ଓଁ ପଦ୍ମନାଭାୟ ନମଃ ।**
୧୨. କଟିରେ - **ଓଁ ଦାମୋଦରାୟ ନମଃ ।**

ବାମହାତର ଅବଶେଷ ଧୋଇ ଏହି ଜଳ **ଓଁ ବାସୁଦେବାୟ ନମଃ** କହି ମସ୍ତକର ଶିଖାରେ ପୋଛି ଦେବେ ।

## ଆଚମନ

ତିଳକ କରିସାରିବା ପରେ ଓ ପୂଜା କରିବାକୁ ଯିବା ପୂର୍ବରୁ ଆଚମନ ଅବଶ୍ୟ କରିବା ଉଚିତ୍ । **'ଓଁ କେଶବାୟ ନମଃ' 'ଓଁ ନାରାୟଣ ନମଃ', ଓଁ ମାଧବାୟ ନମଃ'**-ଏହି ତିନି ମନ୍ତ୍ରକୁ ତିନିବାର ଆଚମନ କରିବେ । ଆଚମନ ପାତ୍ରରୁ ଚମଚ ସାହାଯ୍ୟରେ ସ୍ୱଳ୍ପ ପରିମାଣ ଜଳନେଇ ଦକ୍ଷିଣ କରମୂଳରେ ପାନ ପୂର୍ବକ ମନ୍ତ୍ର ଉଚ୍ଚାରଣ କରିବେ । ପ୍ରତ୍ୟେକ ଥର ହାତ ଧୋଇ ନେବେ । ଆଚମନ ପରେ ହସ୍ତଯୋଡ଼ି ପ୍ରଣାମ ପୂର୍ବକ ନିମ୍ନ ମନ୍ତ୍ରଟିକୁ ପାଠ କରିବେ ।

***"ଓଁ ତତ୍ ବିଷ୍ଣୋ ପରମଂ ପଦଂ ସଦାପଶ୍ୟନ୍ତି ,***
***ସୁରୟୋ ଦିବୀବ ଚକ୍ଷୁରାତତମ୍ ॥"***